*Total No. of printed pages : 31* *Roll No.* 

**717 R / 717 E / 717 DE**
**Regular/Ex-Regular/Dis. Edu. (Reg.& Ex-Reg.)**
**ECO (Arts / Science)**
**Section-A : (As per 2014 Syllabus)**
**Section-B : (As per 2011-2013 Syllabi)**
**(Students are required to give their answers of any one Section according to the Syllabus)**

# SET – A

## 2014 (A)

## ARTS / SCIENCE

## ECONOMICS

*Full Marks - 100*

*Time : 3 Hours*

## SECTION – A
## (As per 2014 Syllabus)

*Carefully follow the instructions given in each Group.*

*ପ୍ରତ୍ୟେକ ବିଭାଗରେ ପ୍ରଦତ୍ତ ଅନୁଦେଶଗୁଡ଼ିକ ଯତ୍ନର ସହିତ ପାଳନ କର ।*

*The figures in the right-hand margin indicate marks.*

*ଦକ୍ଷିଣ ପାର୍ଶ୍ୱ ମାର୍ଜିନ୍‌ରେ ନମ୍ବର ସୂଚିତ ହୋଇଅଛି ।*

**P.T.O.**

## Group – A

### କ – ବିଭାଗ

Answer **all** questions serially.

କ୍ରମାନ୍ୱୟରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

1. Write the correct answer choosing from the alternatives given in each question : 1×15= 15

ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ :

(a) Which of the following is associated with micro-economics ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ବ୍ୟଷ୍ଟି ଅର୍ଥନୀତି ସହ ସଂଶ୍ଳିଷ୍ଟ ?

(i) Theory of income, output and employment

ଆୟ, ଉତ୍ପାଦ ଓ ନିଯୁକ୍ତି ତତ୍ତ୍ୱ

(ii) Theory of economic growth

ଅର୍ଥନୈତିକ ଅଭିବୃଦ୍ଧି ତତ୍ତ୍ୱ

(iii) Theory of consumer behaviour

ଉପଭୋକ୍ତାର ପ୍ରକୃତି ତତ୍ତ୍ୱ

(iv) Theory of general price level

ସାଧାରଣ ହାରାହାରି ଦର ତତ୍ତ୍ୱ

(b) In economics, price means :

ଅର୍ଥଶାସ୍ତ୍ରରେ ଦର ଅର୍ଥ :

(i) Value in use

ବ୍ୟବହାରିକ ମୂଲ୍ୟ

(ii) Utility

ଉପଯୋଗିତା

(iii) Exchange value of a commodity in terms of money

ମୁଦ୍ରା ଆକାରରେ ଦ୍ରବ୍ୟର ବିନିମୟ ମୂଲ୍ୟ

(iv) Amount of other commodities in exchange of a commodity

ଗୋଟିଏ ଦ୍ରବ୍ୟ ବିନିମୟରେ ଅନ୍ୟ ଦ୍ରବ୍ୟର ପରିମାଣ

(c) What is the value of elasticity of demand if quantity demanded of a commodity is 10 units at price ₹ 5 and quantity demanded is 9 units at price ₹ 6 ?

ଯଦି ଦର 5 ଟଙ୍କା ଥିବାବେଳେ ଦ୍ରବ୍ୟର ଚାହିଦାର ପରିମାଣ 10 ଏକକ ଏବଂ ଦର 6 ଟଙ୍କା ଥିବାବେଳେ ଚାହିଦାର ପରିମାଣ 9 ଏକକ ହୁଏ, ତେବେ ଚାହିଦାର ସ୍ଥିତିସ୍ଥାପକତା କେତେ ?

(i) 1

(ii) 2

(iii) $\frac{1}{2}$

(iv) none of the above

ଉପରିଲିଖିତ କୌଣସିଟି ନୁହେଁ

(d) Opportunity cost is :

ବିକଳ୍ପ ପରିବ୍ୟୟ ହେଉଛି :

(i) expenditure incurred in available opportunity

ଉପଲବ୍ଧ ବିକଳ୍ପରେ କରାଯାଉଥିବା ବ୍ୟୟ

(ii) income foregone in the next best alternative use

ପରବର୍ତ୍ତୀ ସର୍ବୋତ୍ତମ ବିକଳ୍ପ ପ୍ରୟୋଗରୁ ବଞ୍ଚିତ ଆୟ

(iii) pain and sacrifice undergone by the producer

ଉତ୍ପାଦନକାରୀ ଅନୁଭବ କରୁଥିବା ଯନ୍ତ୍ରଣା ଓ ତ୍ୟାଗ

(iv) expenses of a producer

ଉତ୍ପାଦନକାରୀର ବ୍ୟୟ

(e) When marginal revenue is less than average revenue, what happens to average revenue?

ଯେତେବେଳେ ସୀମାନ୍ତ ଆୟ ହାରାହାରି ଆୟଠାରୁ କମ୍ ହୁଏ, ହାରାହାରି ଆୟ କ'ଣ ହୋଇଥାଏ ?

(i) falls

ହ୍ରାସ ପାଏ

(ii) rises

ବୃଦ୍ଧି ପାଏ

(iii) remains constant

ସ୍ଥିର ରହେ

(iv) none of the above

ଉପରିଲିଖିତ କୌଣସିଟି ନୁହେଁ



(f) Which of the following is a feature of monopolistic competition ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକାଧିକାରମୂଳକ ପ୍ରତିଯୋଗିତାର ବୈଶିଷ୍ଟ୍ୟ ?

(i) one seller

ଏକମାତ୍ର ବିକ୍ରେତା

(ii) product differentiation

ଦ୍ରବ୍ୟର ବିଭେଦୀକରଣ

(iii) restriction in entry

ପ୍ରବେଶରେ କଟକଣା

(iv) single price

ଏକକ ଦର

(g) The reward obtained exclusively for entrepreneurial function is called :

କେବଳ ଉଦ୍ୟୋକ୍ତାଙ୍କର କାର୍ଯ୍ୟକଳାପ ପାଇଁ ମିଳୁଥିବା ପାରିତୋଷିକକୁ କୁହାଯାଏ :

(i) gross profit

ମୋଟ ଲାଭ

(ii) normal profit

ସ୍ୱାଭାବିକ ଲାଭ

(iii) abnormal profit

ଅସ୍ୱାଭାବିକ ଲାଭ

(iv) none of the above

ଉପରିଲିଖିତ କୌଣସିଟି ନୁହେଁ

(h) Which of the following is not the element of gross interest ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ମୋଟ ସୁଧର ଉପାଦାନ ନୁହେଁ ?

(i) reward for risk taking

ବିପଦ ବହନଜନିତ ପାଉଣା

(ii) net interest

ନିଟ୍ ସୁଧ

(iii) reward for inconvenience

ଅସୁବିଧାଜନିତ ପାଉଣା

(iv) rent

ଅଧିଶେଷ

(i) What is Gross National Product at factor cost if Gross National Product at market price is ₹ 6,501 crore, indirect tax is ₹ 580 crore and subsidy is ₹ 272 crore ?

ଯଦି ବଜାର ଦରରେ ମୋଟ ଜାତୀୟ ଉତ୍ପାଦ 6,501 କୋଟି ଟଙ୍କା, ପରୋକ୍ଷ କର 580 କୋଟି ଟଙ୍କା ଏବଂ ସରକାରୀ ସହାୟତା 272 କୋଟି ଟଙ୍କା ହୁଏ, ଉତ୍ପାଦନ ବ୍ୟୟରେ ମୋଟ ଜାତୀୟ ଉତ୍ପାଦ କେତେ ?

(i) ₹ 6193 crore

6193 କୋଟି ଟଙ୍କା

(ii) ₹ 5649 crore

5649 କୋଟି ଟଙ୍କା



(iii) ₹ 6809 crore

6809 କୋଟି ଟଙ୍କା

(iv) ₹ 7353 crore

7353 କୋଟି ଟଙ୍କା

(j) Net value-added at market price is :

ବଜାର ଦରରେ ନିଟ୍ ସଂଯୋଗିତ ମୂଲ୍ୟ ହେଲା :

(i) Value of output – Intermediate consumption + Consumption of fixed capital

ଉତ୍ପାଦର ମୂଲ୍ୟ – ଅନ୍ତର୍ବର୍ତ୍ତୀ ଉପଭୋଗ + ସ୍ଥାୟୀ ପୁଞ୍ଜିର ଉପଭୋଗ

(ii) Value of output – Intermediate consumption – Consumption of fixed capital

ଉତ୍ପାଦର ମୂଲ୍ୟ – ଅନ୍ତର୍ବର୍ତ୍ତୀ ଉପଭୋଗ – ସ୍ଥାୟୀ ପୁଞ୍ଜିର ଉପଭୋଗ

(iii) Value of output + Intermediate consumption – Consumption of fixed capital

ଉତ୍ପାଦର ମୂଲ୍ୟ + ଅନ୍ତର୍ବର୍ତ୍ତୀ ଉପଭୋଗ – ସ୍ଥାୟୀ ପୁଞ୍ଜିର ଉପଭୋଗ

(iv) none of the above

ଉପରିଲିଖିତ କୌଣସିଟି ନୁହେଁ

(k) Which of the following is a part of National income ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ଜାତୀୟ ଆୟର ଏକ ଅଂଶ ?

(i) old age pension

ବାର୍ଦ୍ଧକ୍ୟ ଭତ୍ତା

(ii) income tax

ଆୟକର

(iii) compensation of employees

କର୍ମଚାରୀଙ୍କ କ୍ଷତିପୂରଣ

(iv) income from lottery

ଲଟେରିରୁ ଆୟ

(l) Which of the following is not a function of the Commercial Banks ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ବାଣିଜ୍ୟିକ ବ୍ୟାଙ୍କମାନଙ୍କର କାର୍ଯ୍ୟ ନୁହେଁ ?

(i) acceptance of deposits

ଜମା ଗ୍ରହଣ

(ii) advancing of loans

ଋଣ ପ୍ରଦାନ

(iii) issue of notes

ନୋଟ୍ ପ୍ରଚଳନ

(iv) creation of credit

ଋଣ ସୃଷ୍ଟି



(m) What is the compulsory contribution called which is levied in proportion to the special benefit received from the government ?

ସରକାରଙ୍କଠାରୁ ମିଳୁଥିବା ବିଶେଷ ସୁବିଧା ପ୍ରାପ୍ତି ଅନୁପାତରେ ଧାର୍ଯ୍ୟ କରାଯାଉଥିବା ବାଧ୍ୟତାମୂଳକ ଦେୟକୁ କ'ଣ କୁହାଯାଏ ?

(i) licence fee

ଲାଇସେନ୍ସ ଫିସ୍

(ii) tax

କର

(iii) fee

ଫିସ୍

(iv) special assessment

ସ୍ୱତନ୍ତ୍ର ନିର୍ଦ୍ଧାରଣ

(n) Which type of budget creates inflation ?

କେଉଁ ପ୍ରକାର ବଜେଟ୍ ଦର ସ୍ଫୀତି ସୂତ୍ରପାତ କରିଥାଏ ?

(i) Deficit budget

ନିअଣ୍ଟିଆ ବଜେଟ୍

(ii) Surplus budget

ବଳକା ବଜେଟ୍

(iii) Capital budget

ପୁଞ୍ଜି ବଜେଟ୍

(iv) Balanced budget

ସମତୁଲ ବଜେଟ୍

(o) Which of the following is included in non-plan expenditure ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଣଯୋଜନା ବ୍ୟୟର ଅନ୍ତର୍ଭୁକ୍ତ ?

(i) expenditure on economic services

ଆର୍ଥନୀତିକ ସେବାରେ ବ୍ୟୟ

(ii) expenditure on social and community services

ସାମାଜିକ ଓ ଗୋଷ୍ଠୀ ସେବାରେ ବ୍ୟୟ

(iii) subsidy

ସରକାରୀ ସହାୟତା

(iv) grants-in-aid to States

ରାଜ୍ୟମାନଙ୍କୁ ଅନୁଦାନ

2. Examine the correctness of the following statements. Correct them, if necessary, without changing the portions underlined : 1×15=15

ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ, ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି, ସେଗୁଡ଼ିକ ସଂଶୋଧନ କର :

(a) All economic goods are Capital.

ସମସ୍ତ ଅର୍ଥନୈତିକ ଦ୍ରବ୍ୟ ପୁଞ୍ଜି ।

(b) If price of a good is expected to rise in near future, people will buy more of it.

ଯଦି ଗୋଟିଏ ଦ୍ରବ୍ୟର ଦର ନିକଟ ଭବିଷ୍ୟତରେ ବୃଦ୍ଧି ହେବାର ସମ୍ଭାବନା ଥାଏ, ତେବେ ଲୋକମାନେ ଏହାକୁ ଅଧିକ କ୍ରୟ କରିବେ ।



(c) Perfectly elastic demand curve is vertical.

ସମ୍ପୂର୍ଣ୍ଣ ସ୍ଥିତିସ୍ଥାପକ ଚାହିଦା ରେଖା ଉଲ୍ଲମ୍ବ ହୋଇଥାଏ ।

(d) Under perfect competition there is no distinction between firm and industry.

ପୂର୍ଣ୍ଣ ପ୍ରତିଯୋଗିତାରେ ପ୍ରତିଷ୍ଠାନ ଓ ଶିଳ୍ପ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ ।

(e) The technical relation between quantities of factor inputs and amount of output is known as cost function.

ଉତ୍ପାଦନର ସାଧନଗୁଡ଼ିକର ପରିମାଣ ଓ ଉତ୍ପାଦିତ ଦ୍ରବ୍ୟର ପରିମାଣ ମଧ୍ୟରେ ଥିବା ବୈଷୟିକ ସମ୍ପର୍କକୁ ପରିବ୍ୟୟ ଫଳନ କୁହାଯାଏ ।

(f) Average variable cost curve looks like a rectangular hyperbola.

ହାରାହାରି ପରିବର୍ତ୍ତୀ ପରିବ୍ୟୟ ବକ୍ରରେଖା ଏକ ଆୟତାକାର ପରାବଳୟ ସଦୃଶ ପ୍ରତୀୟମାନ ହୁଏ ।

(g) The difference between total revenue and total cost is called net interest.

ମୋଟ ଆୟ ଓ ମୋଟ ପରିବ୍ୟୟର ଅନ୍ତର ଫଳକୁ ନିଟ୍ ସୁଧ କୁହାଯାଏ ।

(h) Real wage increases with rise in prices.

ବାସ୍ତବ ମଜୁରି ଦର ବୃଦ୍ଧି ସହିତ ବୃଦ୍ଧି ପାଇଥାଏ ।

(i) Consumption of fixed capital is a part of Net National Product.

ସ୍ଥାୟୀ ପୁଞ୍ଜିର ଉପଭୋଗ ନିଟ୍ ଜାତୀୟ ଉତ୍ପାଦର ଏକ ଅଂଶ ।

(j) Gross National Product is equal to Gross Domestic Product, when net factor income from abroad is negative.

ଯେତେବେଳେ ବିଦେଶାଗତ ନିଟ୍ ସାଧନ ଆୟ ଋଣାତ୍ମକ ହୁଏ, ସେତେବେଳେ ମୋଟ ଜାତୀୟ ଉତ୍ପାଦ ମୋଟ ଘରୋଇ ଉତ୍ପାଦ ସହିତ ସମାନ ହୁଏ ।

(k) Unemployment allowance received from the government is an example of transfer income.

ସରକାରଙ୍କଠାରୁ ଗ୍ରହଣ କରାଯାଉଥିବା ବେକାରି ଭତ୍ତା ଅନ୍ତରଣ ଆୟର ଏକ ଉଦାହରଣ ।

(l) State Bank of India is the lender of last resort.

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅନ୍ତିମ ପର୍ଯ୍ୟାୟର ଋଣ ଦାତା ।

(m) Price is an administrative revenue.

ଦର ଏକ ପ୍ରଶାସନିକ ରାଜସ୍ୱ ।

(n) Expenditure on an irrigation project is an example of capital expenditure.

ଏକ ଜଳସେଚନ ପ୍ରକଳ୍ପ ବ୍ୟୟ ପୁଞ୍ଜି ବ୍ୟୟର ଏକ ଉଦାହରଣ ।



(o) Current account deposits cannot be withdrawn before the expiry of the stipulated time period.

ଚଳନ୍ତି ଜମାରୁ ନିର୍ଦ୍ଧାରିତ ସମୟ ପୂରଣ ପୂର୍ବରୁ ଉଠାଣ କରି ହୁଏ ନାହିଁ ।

## Group – B
## ଖ – ବିଭାଗ

3. Answer any **eleven** of the following questions within *two* to *three* sentences in each case : 2×11=22

ପ୍ରତ୍ୟେକ କ୍ଷେତ୍ରରେ ଦୁଇଟିରୁ ତିନିଟି ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଏଗାରଟିର ଉତ୍ତର ଦିଅ :

(a) What are the central problems of an economy ?

ଏକ ଅର୍ଥ ବ୍ୟବସ୍ଥାର କେନ୍ଦ୍ରୀୟ ସମସ୍ୟାଗୁଡ଼ିକ କ'ଣ ?

(b) What do you mean by 'public goods' ?

'ଗଣ ଦ୍ରବ୍ୟ' କହିଲେ ତୁମେ କ'ଣ ବୁଝ ?

(c) What is National wealth ?

ଜାତୀୟ ସମ୍ପଦ କ'ଣ ?

(d) What is money cost ?

ମୌଦ୍ରିକ ପରିବ୍ୟୟ କ'ଣ ?

(e) What is oligopoly ?

ଅଳ୍ପାଧିକାର କ'ଣ ?

(f) What is the relation between Average cost and Marginal cost ?

ହାରାହାରି ପରିବ୍ୟୟ ଓ ସୀମାନ୍ତ ପରିବ୍ୟୟ ମଧ୍ୟରେ ସମ୍ପର୍କ କ'ଣ ?

(g) What is monopoly profit ?

ଏକଚାଟିଆ ବ୍ୟବସାୟ ଲାଭ କ'ଣ?

(h) What do you mean by net exports ?

ନିଟ୍ ରପ୍ତାନୀ କହିଲେ ତୁମେ କ'ଣ ବୁଝ ?

(i) What is personal income ?

ବ୍ୟକ୍ତିଗତ ଆୟ କ'ଣ ?

(j) What is macroeconomics ?

ସମଷ୍ଟି ଅର୍ଥନୀତି କ'ଣ ?

(k) What is meant by 'circular flow of income' ?

'ଆୟର ଚକ୍ରୀୟ ପ୍ରବାହ'ର ଅର୍ଥ କ'ଣ ?

(l) What is public finance ?

ରାଷ୍ଟ୍ରୀୟ ବିତ୍ତ କ'ଣ ?

(m) What are the general utility functions of the Commercial Banks ?

ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ସାଧାରଣ ଉପଯୋଗିତାମୂଳକ କାର୍ଯ୍ୟାବଳୀ କ'ଣ?

(n) What is non-developmental expenditure ?

ଅଣଉନ୍ନୟନମୂଳକ ବ୍ୟୟ କ'ଣ?



4. Distinguish between any **six** of the following. Limit your answer to *six* sentences in each case : 3×6=18

ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଛଅଟି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକ କ୍ଷେତ୍ରରେ ତୁମର ଉତ୍ତର *ଛଅଟି* ବାକ୍ୟରେ ସୀମିତ ରହିବା ଆବଶ୍ୟକ :

(a) Intermediate goods and Final goods

ଅନ୍ତର୍ବର୍ତ୍ତୀ ଦ୍ରବ୍ୟ ଓ ଅନ୍ତିମ ଦ୍ରବ୍ୟ

(b) Change in demand and Change in quantity demanded

ଚାହିଦାର ପରିବର୍ତ୍ତନ ଓ ଚାହିଦା ପରିମାଣରେ ପରିବର୍ତ୍ତନ

(c) Fixed cost and Variable cost

ସ୍ଥିର ପରିବ୍ୟୟ ଓ ପରିବର୍ତ୍ତୀ ପରିବ୍ୟୟ

(d) Market price and Normal price

ବଜାର ଦର ଓ ସ୍ୱାଭାବିକ ଦର

(e) Nominal GDP and Real GDP

ମୋଟ ମୌଦ୍ରିକ ଘରୋଇ ଉତ୍ପାଦ ଓ ମୋଟ ବାସ୍ତବ ଘରୋଇ ଉତ୍ପାଦ

(f) Money and Near money

ମୁଦ୍ରା ଓ ନିକଟ ମୁଦ୍ରା

(g) Normal profit and Abnormal profit

ସ୍ୱାଭାବିକ ଲାଭ ଓ ଅସ୍ୱାଭାବିକ ଲାଭ

(h) Balanced budget and Unbalanced budget

ସମତୁଲ ବଜେଟ୍ ଓ ଅସମତୁଲ ବଜେଟ୍

## Group – C

ଗ – ବିଭାଗ

Answer any **four** of the following questions : 7.5×4=30

ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଚାରୋଟିର ଉତ୍ତର ଦିଅ :

5. Describe the characteristics of human wants.
   ମାନବୀୟ ଅଭାବର ବୈଶିଷ୍ଟ୍ୟଗୁଡ଼ିକ ବର୍ଣ୍ଣନା କର ।
6. Explain the law of Diminishing marginal utility.
   କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ବ୍ୟାଖ୍ୟା କର ।
7. Explain the law of Variable proportions.
   ପରିବର୍ତ୍ତୀ ଅନୁପାତ ସୂତ୍ର ବ୍ୟାଖ୍ୟା କର ।
8. Explain the Ricardian theory of rent.
   ରିକାର୍ଡୋଙ୍କ ଅଧିଶେଷ ତତ୍ତ୍ୱ ବ୍ୟାଖ୍ୟା କର ।
9. Discuss the Keynesian theory of income determination.
   କେନ୍‌ସଙ୍କ ଆୟ ନିର୍ଦ୍ଧାରଣ ତତ୍ତ୍ୱ ଆଲୋଚନା କର ।
10. Describe the functions of money.
    ମୁଦ୍ରାର କାର୍ଯ୍ୟାବଳୀ ବର୍ଣ୍ଣନ କର ।

---



## SECTION – B
## (As per 2011-2013 Syllabi)

*Carefully follow the instructions given in each Group.*

*ପ୍ରତ୍ୟେକ ବିଭାଗରେ ପ୍ରଦତ୍ତ ଅନୁଦେଶଗୁଡ଼ିକ ଯତ୍ନର ସହିତ ପାଳନ କର ।*

*The figures in the right-hand margin indicate marks.*

*ଦକ୍ଷିଣ ପାର୍ଶ୍ୱ ମାର୍ଜିନ୍‌ରେ ନମ୍ବର ସୂଚିତ ହୋଇଅଛି ।*

### Group – A

କ – ବିଭାଗ

Answer **all** questions serially.

କ୍ରମାନ୍ୱୟରେ **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

1. Write the correct answer choosing from the alternatives given in each question : 1×15= 15
   ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ବିକଳ୍ପମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଲେଖ :

   (a) Utility means :
   ଉପଯୋଗିତା ଅର୍ଥ :
   (i) Usefulness of a commodity
   ଦ୍ରବ୍ୟର ଉପାଦେୟତା
   (ii) Pleasure derived from a commodity
   ଦ୍ରବ୍ୟରୁ ମିଳୁଥିବା ଆନନ୍ଦ
   (iii) Want satisfying capacity of a commodity
   ଦ୍ରବ୍ୟର ଅଭାବ ପୂରଣ କରିବାର କ୍ଷମତା
   (iv) Money value of a commodity
   ଦ୍ରବ୍ୟର ମୌଦ୍ରିକ ମୂଲ୍ୟ

(b) Which of the following is wealth ?
ନିମ୍ନଲିଖିତ ମଧ୍ୟରୁ କେଉଁଟି ସମ୍ପଦ ?
(i) Good health
ଉତ୍ତମ ସ୍ୱାସ୍ଥ୍ୟ
(ii) A five-rupee note
ଖଣ୍ଡେ ପାଞ୍ଚଟଙ୍କିଆ ନୋଟ୍
(iii) Matriculation certificate
ମାଟ୍ରିକୁଲେସନ ସାର୍ଟିଫିକେଟ
(iv) Wrist watch
ହାତବନ୍ଧା ଘଡ଼ି

(c) Which of the following is an example of conventional necessaries ?
ନିମ୍ନଲିଖିତ ମଧ୍ୟରୁ କେଉଁଟି ପରମ୍ପରାଗତ ଅତ୍ୟାବଶ୍ୟକର ଏକ ଉଦାହରଣ ?
(i) A good house
ଏକ ଉତ୍ତମ ବାସଗୃହ
(ii) Expenditure on marriage
ବିବାହ ପାଇଁ ଖର୍ଚ୍ଚ
(iii) Electric fan
ବିଜୁଳି ପଙ୍ଖା
(iv) Book for a student
ଛାତ୍ର ପାଇଁ ପୁସ୍ତକ



(d) If quantity demanded of a good rises by 20 per cent due to a fall in its price by 40 per cent, elasticity of demand is :
ଯଦି ଦ୍ରବ୍ୟର ଦର 40 ପ୍ରତିଶତ ହ୍ରାସ ହେବା ଯୋଗୁଁ ତାହାର ଚାହିଦାର ପରିମାଣ 20 ପ୍ରତିଶତ ବୃଦ୍ଧି ହୁଏ, ଚାହିଦାର ସ୍ଥିତିସ୍ଥାପକତା ହେବ :
(i) 2
(ii) $\frac{1}{2}$
(iii) 1
(iv) 0

(e) What is the shape of a total fixed cost curve?
ଏକ ମୋଟ ସ୍ଥିର ପରିବ୍ୟୟ ରେଖାର ଆକାର କିପରି ?
(i) Upward sloping
ଊର୍ଦ୍ଧ୍ୱଗାମୀ
(ii) Downward sloping
ନିମ୍ନଗାମୀ
(iii) Horizontal
ଆନୁଭୂମିକ
(iv) Vertical
ଉଲ୍ଲମ୍ବ

(f) If a seller sells 10 units, 20 units and 30 units at a price of ₹ 10 per unit, what will happen to average revenue (AR) and marginal revenue (MR) ?

ଯଦି ଜଣେ ବିକ୍ରେତା 10 ଟଙ୍କା ଦରରେ 10, 20 ଓ 30ଟି ଏକକ ବିକ୍ରି କରନ୍ତି, ତେବେ ହାରାହାରି ଆୟ ଓ ସୀମାନ୍ତ ଆୟ କ'ଣ ହେବ ?

(i) will remain constant
ଅପରିବର୍ତ୍ତିତ ରହିବ

(ii) will increase
ଅଧିକ ହେବ

(iii) will decrease
ହ୍ରାସ ପାଇବ

(iv) none of the above
ଉପରିଲିଖିତ କୌଣସିଟି ନୁହେଁ

(g) Price prevailing in very short period is called :

ଅତି ସ୍ୱଳ୍ପକାଳରେ ପ୍ରଚଳିତ ଦରକୁ କୁହାଯାଏ :

(i) Normal price
ସ୍ୱାଭାବିକ ଦର

(ii) Market price
ବଜାର ଦର

(iii) Ideal price
ଆଦର୍ଶ ଦର

(iv) Stable price
ସ୍ଥିର ଦର



(h) Which of the following is not a feature of monopoly ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକାଧିକାରର ଏକ ବୈଶିଷ୍ଟ୍ୟ ନୁହେଁ ?

(i) One seller
ଏକମାତ୍ର ବିକ୍ରେତା

(ii) Many buyers
ବହୁସଂଖ୍ୟକ କ୍ରେତା

(iii) Free entry
ଅବାଧ ପ୍ରବେଶ

(iv) Absence of close substitutable goods
ନିକଟ ପ୍ରତିସ୍ଥାପନକ୍ଷମ ଦ୍ରବ୍ୟର ଅନୁପସ୍ଥିତି

(i) Money wage remaining constant, if price level decreases, what happens to real wage ?

ମୌଦ୍ରିକ ମଜୁରି ସ୍ଥିର ରହି, ଯଦି ଦର ସ୍ତର ହ୍ରାସ ପାଏ, ବାସ୍ତବ ମଜୁରି କ'ଣ ହୁଏ ?

(i) Increases
ବୃଦ୍ଧି ହୁଏ

(ii) Decreases
ହ୍ରାସ ପାଏ

(iii) Remains unchanged
ଅପରିବର୍ତ୍ତିତ ରହେ

(iv) None of the above
ଉପରିଲିଖିତ କୌଣସିଟି ନୁହେଁ

(j) If GDP at market price is ₹ 10,000 crore, net factor income from abroad is ₹ 500 crore and consumption of fixed capital is ₹ 2,000 crore, Net National Product at market price is :

ଯଦି ବଜାର ଦରରେ ମୋଟ ଘରୋଇ ଉତ୍ପାଦ 10,000 କୋଟି ଟଙ୍କା, ବିଦେଶାଗତ ସାଧନ ଆୟ 500 କୋଟି ଟଙ୍କା ଓ ସ୍ଥାୟୀ ପୁଞ୍ଜିର ଉପଭୋଗ 2,000 କୋଟି ଟଙ୍କା ହୁଏ, ତେବେ ନିଟ୍ ଜାତୀୟ ଉତ୍ପାଦ ହେବ :

(i) ₹ 7,500 crore
7,500 କୋଟି ଟଙ୍କା

(ii) ₹ 8,500 crore
8,500 କୋଟି ଟଙ୍କା

(iii) ₹ 12,500 crore
12,500 କୋଟି ଟଙ୍କା

(iv) ₹ 13,500 crore
13,500 କୋଟି ଟଙ୍କା

(k) Which of the following is not concerned with macroeconomics ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ସମଷ୍ଟି ଅର୍ଥନୀତି ସହିତ ସଂଶ୍ଳିଷ୍ଟ ନୁହେଁ ?

(i) Aggregate employment
ସାମୂହିକ ନିଯୋଜନ

(ii) National income
ଜାତୀୟ ଆୟ

(iii) General price level
ସାଧାରଣ ଦର ସ୍ତର

(iv) Determination of price of a factor
ଏକ ସାଧନର ଦର ନିର୍ଦ୍ଧାରଣ

(l) Which of the following is not a function of the Commercial Banks ?

ନିମ୍ନଲିଖିତ ମଧ୍ୟରୁ କେଉଁଟି ବାଣିଜ୍ୟିକ ବ୍ୟାଙ୍କମାନଙ୍କର କାର୍ଯ୍ୟ ନୁହେଁ ?

(i) Acceptance of deposits
ଜମା ଗ୍ରହଣ

(ii) Giving loans to the general public
ସର୍ବସାଧାରଣଙ୍କୁ ଋଣ ପ୍ରଦାନ

(iii) Control of credit
ଋଣ ନିୟନ୍ତ୍ରଣ

(iv) Discounting the bills of exchange
ବିନିମୟ ପତ୍ରର ଅବମୂଲ୍ୟାୟନ

(m) Which of the following banks in India is the lender of last resort ?

ଭାରତରେ ନିମ୍ନଲିଖିତ ବ୍ୟାଙ୍କମାନଙ୍କ ମଧ୍ୟରୁ କେଉଁଟି ଅନ୍ତିମ ପର୍ଯ୍ୟାୟର ଋଣ ଦାତା ?

(i) State Bank of India
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

(ii) Central Bank of India
ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ

(iii) Reserve Bank of India
ଭାରତୀୟ ରିଜର୍ଭ ବ୍ୟାଙ୍କ

(iv) Central Cooperative Bank
କେନ୍ଦ୍ରୀୟ ସମବାୟ ବ୍ୟାଙ୍କ

(n) Which of the following is a source of revenue of the Government of India ?
ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତ ସରକାରଙ୍କ ଆୟର ଏକ ଉତ୍ସ ?

(i) Income tax
ଆୟକର

(ii) Customs duty
ସୀମା ଶୁଳ୍କ

(iii) Service tax
ସେବା କର

(iv) All of the above
ଉପରିଲିଖିତ ସମସ୍ତ

(o) Which of the following is included in capital expenditure ?
ନିମ୍ନଲିଖିତ ମଧ୍ୟରୁ କେଉଁଟି ପୁଞ୍ଜି ବ୍ୟୟର ଅନ୍ତର୍ଭୁକ୍ତ ?

(i) Salary of a government employee
ସରକାରୀ କର୍ମଚାରୀଙ୍କ ବେତନ

(ii) Interest paid on government debt
ସରକାରଙ୍କ ଋଣ ଉପରେ ଦିଆଯାଉଥିବା ସୁଧ

(iii) Expenditure on national highways
ଜାତୀୟ ରାଜପଥ ପାଇଁ ବ୍ୟୟ

(iv) Government grants
ସରକାରୀ ଅନୁଦାନ



2. Examine the correctness of the following statements. Correct them, if necessary, without changing the portions underlined : 1×15=15
ନିମ୍ନଲିଖିତ ଉକ୍ତିଗୁଡ଼ିକର ସଠିକତା ପରୀକ୍ଷା କର । ଆବଶ୍ୟକ ସ୍ଥଳେ, ରେଖାଙ୍କିତ ଅଂଶର ପରିବର୍ତ୍ତନ ନ କରି, ସେଗୁଡ଼ିକ ସଂଶୋଧନ କର :

(a) Principle of exclusion applies to public goods.
ଗଣ ଦ୍ରବ୍ୟ ପାଇଁ ବହିଷ୍କରଣ ନୀତି ପ୍ରଯୁଜ୍ୟ ।

(b) Downward sloping demand curve indicates direct relation between price and quantity demanded.
ନିମ୍ନଗାମୀ ଚାହିଦା ରେଖା ଦର ଓ ଚାହିଦା ପରିମାଣ ମଧ୍ୟରେ ଥିବା ପ୍ରତ୍ୟକ୍ଷ ସମ୍ପର୍କର ସୂଚନା ଦିଏ ।

(c) Demand for a good having alternative uses is relatively inelastic.
ବିକଳ୍ପ ବ୍ୟବହାର ଥିବା ଦ୍ରବ୍ୟର ଚାହିଦା ଅପେକ୍ଷାକୃତ ଅଣ-ସ୍ଥିତିସ୍ଥାପକ ।

(d) Value of a commodity expressed in terms of money is called wealth.
ଦ୍ରବ୍ୟର ମୂଲ୍ୟ ମୁଦ୍ରା ଆକାରରେ ପ୍ରକାଶ କରାଗଲେ ତାହାକୁ ସମ୍ପଦ କୁହାଯାଏ ।

(e) Expenditure incurred by a firm on raw-materials is an example of fixed cost.

ପ୍ରତିଷ୍ଠାନ ଦ୍ୱାରା କଞ୍ଚାମାଲ ପାଇଁ କରାଯାଉଥିବା ଖର୍ଚ୍ଚ ସ୍ଥିର ପରିବ୍ୟୟର ଏକ ଉଦାହରଣ ।

(f) Under perfect competition, marginal revenue is less than average revenue.

ପୂର୍ଣ୍ଣ ପ୍ରତିଯୋଗିତାରେ ସୀମାନ୍ତ ଆୟ ହାରାହାରି ଆୟଠାରୁ କମ ।

(g) Only reproducible goods have normal price.

କେବଳ ପୁନଃଉତ୍ପାଦନକ୍ଷମ ଦ୍ରବ୍ୟର ସ୍ୱାଭାବିକ ଦର ଥାଏ ।

(h) Wage is a residual income.

ମଜୁରି ଏକ ଅବଶେଷାତ୍ମକ ଆୟ ।

(i) Imputed rent of entrepreneur's own building is a part of net profit.

ଉଦ୍ୟୋକ୍ତାଙ୍କର ନିଜ ଗୃହର ଆରୋପିତ ଅଧିଶେଷ ନିଟ୍ ଲାଭର ଏକ ଅଂଶ ।

(j) Gross Domestic Product is equal to Gross National Product when net factor income from abroad is negative.

ଯେତେବେଳେ ବିଦେଶାଗତ ନିଟ୍ ସାଧନ ଆୟ ଋଣାତ୍ମକ ହୁଏ, ସେତେବେଳେ ମୋଟ ଘରୋଇ ଉତ୍ପାଦ ମୋଟ ଜାତୀୟ ଉତ୍ପାଦ ସହିତ ସମାନ ହୁଏ ।



(k) At the equilibrium level of income aggregate demand is equal to aggregate supply.

ସନ୍ତୁଳନ ଆୟ ସ୍ତରରେ ସାମୂହିକ ଚାହିଦା ସାମୂହିକ ଯୋଗାଣ ସହିତ ସମାନ ।

(l) National Bank for Agriculture and Rural Development (NABARD) is the Central Bank of our country.

ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ହେଲା ଆମ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ।

(m) Public finance is concerned with the income and expenditure of the Government.

ରାଷ୍ଟ୍ରୀୟ ବିତ୍ତ ସରକାରଙ୍କର ଆୟ ଓ ବ୍ୟୟ ସହିତ ସମ୍ପୃକ୍ତ ।

(n) Income from public enterprises is an administrative revenue.

ସରକାରୀ ଉଦ୍ୟୋଗରୁ ଆୟ ଏକ ପ୍ରଶାସନିକ ରାଜସ୍ୱ ।

(o) Surplus budget is one in which proposed expenditure is greater than anticipated revenue.

ବଳକା ବଜେଟ୍ ହେଉଛି ତାହା, ଯେଉଁଥିରେ ପ୍ରସ୍ତାବିତ ବ୍ୟୟ ସମ୍ଭାବ୍ୟ ଆୟଠାରୁ ଅଧିକ ।

## Group – B

### ଖ – ବିଭାଗ

3. Answer any **eleven** of the following questions within *two* to *three* sentences in each case : 2×11=22

ପ୍ରତ୍ୟେକ କ୍ଷେତ୍ରରେ *ଦୁଇଟିରୁ ତିନିଟି* ବାକ୍ୟ ମଧ୍ୟରେ ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଏଗାରଟିର ଉତ୍ତର ଦିଅ :

(a) What do you understand by Giffen goods ?

ଗିଫେନ ଦ୍ରବ୍ୟ କହିଲେ ତୁମେ କ'ଣ ବୁଝ ?

(b) What is demand schedule ?

ଚାହିଦା ସୂଚୀ କ'ଣ ?

(c) What are necessaries ?

ଅତ୍ୟାବଶ୍ୟକଗୁଡ଼ିକ କ'ଣ ?

(d) What is time utility ?

କାଳଗତ ଉପଯୋଗିତା କ'ଣ ?

(e) What is explicit cost ?

ସ୍ପଷ୍ଟ ପରିବ୍ୟୟ କ'ଣ?

(f) What is pure competition ?

ଶୁଦ୍ଧ ପ୍ରତିଯୋଗିତା କ'ଣ ?

(g) What is net interest ?

ନିଟ୍ ସୁଧ କ'ଣ?

(h) What is normal profit ?

ସ୍ୱାଭାବିକ ଲାଭ କ'ଣ ?



(i) What is domestic product ?

ଘରୋଇ ଉତ୍ପାଦ କ'ଣ ?

(j) What is transfer income ?

ଅନ୍ତରଣ ଆୟ କ'ଣ ?

(k) What is near money ?

ନିକଟ ମୁଦ୍ରା କ'ଣ ?

(l) What is tax ?

କର କ'ଣ ?

(m) What is developmental expenditure ?

ଉନ୍ନୟନମୂଳକ ବ୍ୟୟ କ'ଣ?

(n) What is budget ?

ବଜେଟ୍ କ'ଣ?

4. Distinguish between any **six** of the following. Limit your answer to *six* sentences in each case : 3×6=18

ନିମ୍ନଲିଖିତ ମଧ୍ୟରୁ ଯେକୌଣସି **ଛଅଟି** ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ପ୍ରତ୍ୟେକ କ୍ଷେତ୍ରରେ ତୁମର ଉତ୍ତର *ଛଅଟି* ବାକ୍ୟରେ ସୀମିତ ରହିବା ଆବଶ୍ୟକ :

(a) Free goods and Economic goods

ମୁକ୍ତ ଦ୍ରବ୍ୟ ଓ ଆର୍ଥନୀତିକ ଦ୍ରବ୍ୟ

(b) Change in demand and Change in quantity demanded

ଚାହିଦାର ପରିବର୍ତ୍ତନ ଓ ଚାହିଦା ପରିମାଣରେ ପରିବର୍ତ୍ତନ

(c) Gross profit and Net profit

ମୋଟ ଲାଭ ଓ ନିଟ୍ ଲାଭ

(d) Personal income and Disposable personal income

ବ୍ୟକ୍ତିଗତ ଆୟ ଓ ପ୍ରଯୁଜ୍ୟ ବ୍ୟକ୍ତିଗତ ଆୟ

(e) Demand deposit and Fixed deposit

ଚାହିଦା ଜମା ଓ ମିଆଦୀ ଜମା

(f) Direct tax and Indirect tax

ପ୍ରତ୍ୟକ୍ଷ କର ଓ ପରୋକ୍ଷ କର

(g) Commercial bank and Central bank

ବାଣିଜ୍ୟିକ ବ୍ୟାଙ୍କ ଓ କେନ୍ଦ୍ରୀୟ ବ୍ୟାଙ୍କ

(h) Plan expenditure and Non-plan expenditure

ଯୋଜନା ବ୍ୟୟ ଓ ଅଣ-ଯୋଜନା ବ୍ୟୟ

## Group – C

## ଗ – ବିଭାଗ

Answer any **four** of the following questions : 7.5×4=30

ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଚାରୋଟିର ଉତ୍ତର ଦିଅ :

5. Discuss the characteristics of human wants.

   ମାନବୀୟ ଅଭାବର ବୈଶିଷ୍ଟ୍ୟଗୁଡ଼ିକ ଆଲୋଚନା କର ।

6. Explain the determinants of demand.

   ଚାହିଦାର ନିର୍ଦ୍ଧାୟକଗୁଡ଼ିକ ବ୍ୟାଖ୍ୟା କର ।



7. Explain the law of diminishing marginal utility.

   କ୍ରମହ୍ରାସମାନ ସୀମାନ୍ତ ଉପଯୋଗିତା ସୂତ୍ର ବ୍ୟାଖ୍ୟା କର ।

8. Explain the Ricardian theory of rent.

   ରିକାର୍ଡୋଙ୍କ ଅଧିଶେଷ ତତ୍ତ୍ୱ ବ୍ୟାଖ୍ୟା କର ।

9. Explain the output method of calculation of National income.

   ଉତ୍ପାଦ ପଦ୍ଧତିରେ ଜାତୀୟ ଆୟ ଗଣନା ବ୍ୟାଖ୍ୟା କର ।

10. Describe the functions of money.

    ମୁଦ୍ରାର କାର୍ଯ୍ୟାବଳୀ ବର୍ଣ୍ଣନା କର ।